# NATIONAL NEWS BULLETIN (ODIA)

**4 June - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ ଆଲୋଚନା କରିବେ ଭେନେଜୁଏଲା କାର୍ଯ୍ୟକାରୀ ରାଷ୍ଟ୍ରପତି
- ଅହମ୍ମଦାବାଦଠାରେ ଆଜିଠାରୁ ଆରମ୍ଭ ହେବାକୁ ଥିବା ବିଶ୍ୱ ଯୋଗାସନ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ
- ମେଘାଳୟର ସିଲଙ୍ଗଠାରେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଚାଲିଛି ଉତ୍ତର-ପୂର୍ବାଞ୍ଚଳ ପରିଷଦର ୭୩ତମ ପୂର୍ଣ୍ଣାଙ୍ଗ ଅଧିବେଶନ
- ଏକସପ୍ତାହ ମଧ୍ୟରେ ୩ଲକ୍ଷ ୯୦ ହଜାରରୁ ଅଧିକ ଅଂଶଗ୍ରହଣକାରୀଙ୍କ ସହ ମେରା ଯୁବ ଭାରତ ଅନ୍‌ଲାଇନ୍ କୁଇଜ୍ ପ୍ରତିଯୋଗିତାକୁ ସ୍ୱୀକୃତି ପ୍ରଦାନ କଲା ଗିନିସ୍ ୱାର୍ଲ୍ଡ ରେକର୍ଡ

ଏବଂ

- ଉତ୍ତରପ୍ରଦେଶରେ ରାଜ୍ୟ ପୋଲିସ୍ କନେଷ୍ଟବଳ ପଦବୀ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ମାଗଣା ବସ୍ ସେବା, ଘୋଷଣା କଲେ ମୁଖ୍ୟମନ୍ତ୍ରୀ

---

## ପି.ଏମ୍.-ଭେନେଜୁଆଲା ପ୍ରେଜ୍ ଟକ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀରେ ଭେନେଜୁଆଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗେଜ୍‌ଙ୍କ ସହ ଆଲୋଚନା କରିବେ । ଶକ୍ତି ସୁରକ୍ଷା, ବାଣିଜ୍ୟ, ପୁଞ୍ଜିନିବେଶ, ଔଷଧ ଉଦ୍ୟୋଗ, ସ୍ୱାସ୍ଥ୍ୟସେବା, ପରିବହନ ଏବଂ ନବୀକରଣୀୟ ଶକ୍ତିକ୍ଷେତ୍ରରେ ସହଯୋଗ ବିଷୟରେ

ଆଲୋଚନା ହେବ । ଡେଲ୍‌ସି ରୋଡ୍ରିଗେଜ୍ ଗତକାଲି ୫ ଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ତାଙ୍କ ସହ ବୈଦେଶିକ, ଅର୍ଥ ଓ ଅର୍ଥନୀତି, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଯୋଗାଯୋଗ ଓ ସୂଚନା ଏବଂ ପରିବହନ ମନ୍ତ୍ରୀଙ୍କୁ ନେଇ ଗଠିତ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଗସ୍ତରେ ଆସିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଏହି ଗସ୍ତକାଳରେ ଭେନେଜୁଆଲାର ପ୍ରତିନିଧି ଦଳ ଶକ୍ତି, ଔଷଧ ଏବଂ ଅଟୋମୋବାଇଲ୍ କ୍ଷେତ୍ର ପରିଦର୍ଶନ କରି ଭାରତର ପ୍ରଯୁକ୍ତିବିଦ୍ୟା ଏବଂ ଶିଳ୍ପ ସାମର୍ଥ୍ୟ ବିଷୟରେ ଅବଗତ ହେବେ ଏବଂ ନୂତନ ସୁଯୋଗର ସନ୍ଧାନ କରିବେ । ଭାରତର ଭେନେଜୁଆଲା ସହିତ ଶକ୍ତି ଏବଂ ପୁଞ୍ଜିନିବେଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସହଭାଗିତା ରହିଛି । ଭାରତର ସରକାରୀ ଅଧିକୃତ ସଂସ୍ଥାଗୁଡ଼ିକ ଭେନେଜୁଆଲାର ଶକ୍ତି କ୍ଷେତ୍ରରେ ବିନିଯୋଗ କରିଛନ୍ତି ଏବଂ ଏହାକୁ ଆହୁରି ବୃଦ୍ଧି କରିବା ଲାଗି ଉଦ୍ୟମ କରାଯାଉଛି ।

ବାଣିଜ୍ୟ, ଶକ୍ତି ଏବଂ ଗ୍ଲୋବାଲ୍-ସାଉଥ୍ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ସୁସମ୍ପର୍କ ରହିଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ।

---

## ପିଏମ୍-ଯୋଗାସନ

ଗୁଜରାଟ ଅହମ୍ମଦାବାଦର ଟ୍ରାନ୍ସଟାଡିଆ ଠାରେ ଆଜିଠାରୁ ବିଶ୍ୱ ଯୋଗାସନ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ସନ୍ଧ୍ୟାରେ ଉଦ୍‌ଘାଟନୀ ସମାରୋହରେ ଯୋଗଦେବେ । ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଯୋଗାସନ ସହ ସଂଶ୍ଳିଷ୍ଟ କ୍ରୀଡ଼ାବିତ ଏଥିରେ ଅଂଶ ଗ୍ରହଣ କରୁଛନ୍ତି । ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଆମେରିକା ସମେତ ୬୦ଟି ଦେଶର ୪୦୦ରୁ ଅଧିକ କ୍ରୀଡ଼ାବିତ୍ ଅଂଶ ଗ୍ରହର କରୁଛନ୍ତି । ବିଶ୍ୱ ଯୋଗାସନ

ସଂଘର ତତ୍ତ୍ୱାବଧାନରେ ଯୋଗାସନ ଭାରତ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଶ୍ୱ ସ୍ତରରେ ଯୋଗ ଏବଂ ସୁସ୍ଥ ଜୀବନଶୈଳୀ ସଂପର୍କରେ ସଚେତନତା ବୃଦ୍ଧି କରିବା । ଯୋଗାସନର କଳାତ୍ମକ ଏବଂ ଲୟଯୁକ୍ତ ଆଦି ୭ଟି ବର୍ଗରେ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ ।

## ପିଏମ୍ ଯୋଗା-କୋଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ନିୟମିତ ଯୋଗାଭ୍ୟାସ କରିବାକୁ ଉତ୍ସାହିତ କରିଛନ୍ତି । ସଂସ୍କୃତର ଏକ ପଂକ୍ତିକୁ ଉଦ୍ଧାର କରି ଶ୍ରୀ ମୋଦୀ କହିଛନ୍ତି, ନିୟମିତ ଯୋଗାଭ୍ୟାସ ଶରୀରକୁ ସୁସ୍ଥ ଏବଂ ମନକୁ ଶାନ୍ତ ରଖିଥାଏ । ଯୋଗକୁ ଦୈନନ୍ଦିନ ଜୀବନର ଏକ ଅଂଶ ଭାବେ ଗ୍ରହଣ କରି ସନ୍ତୁଳିତ ଏବଂ ସୁସ୍ଥ ଜୀବନଶୈଳୀ ଆପଣେଇବା ଉପରେ ଶ୍ରୀ ମୋଦୀ ପରାମର୍ଶ ଦେଇଛନ୍ତି ।

## ନର୍ଥ-ଇଷ୍ଟର୍ଣ୍ଣ କାଉନ୍‌ସିଲ୍ ମିଟିଂ

ମେଘାଳୟର ସିଲଙ୍ଗ୍‌ଠାରେ ଉତ୍ତର-ପୂର୍ବାଞ୍ଚଳ ପରିଷଦର ୭୩ତମ ପୂର୍ଣ୍ଣାଙ୍ଗ ଅଧିବେଶନରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଅଧ୍ୟକ୍ଷତା କରୁଛନ୍ତି । କେନ୍ଦ୍ର ଉତ୍ତର-ପୂର୍ବାଞ୍ଚଳ ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ, ମେଘାଳୟର ରାଜ୍ୟପାଳ ସି.ଏଚ୍. ବିଜୟଶଙ୍କର, ମୁଖ୍ୟମନ୍ତ୍ରୀ କର୍ଣ୍ଣାଡ କେ ସାଙ୍ଗମା, କେନ୍ଦ ଉତ୍ତର-ପୂର୍ବାଞ୍ଚଳ ବିକାଶ ରାଷ୍ଟ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର, ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ ଏବଂ କେନ୍ଦ୍ର ଉତ୍ତର-ପୂର୍ବାଞ୍ଚଳ ବିକାଶ ମନ୍ତ୍ରଣାଳୟର ସଚିବ ସଂଜୟ ଯାଜୁ ଏହି ବୈଠକରେ ଉପସ୍ଥିତ ଅଛନ୍ତି । ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ତ୍ରିପୁରା, ମିଜୋରାମ,

ନାଗାଲ୍ୟାଣ୍ଡ ଏବଂ ସିକିମ୍‌ର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀମାନେ ବୈଠକରେ ଯୋଗ ଦେଇଛନ୍ତି । ଉତ୍ତର-ପୂର୍ବାଞ୍ଚଳ ପରିଷଦ ଆଇନ ୧୯୭୧ ଅନୁସାରେ ପ୍ରତିଷ୍ଠିତ ଉତ୍ତର-ପୂର୍ବାଞ୍ଚଳ ପରିଷଦ ଉତ୍ତର-ପୂର୍ବାଞ୍ଚଳ ପାଇଁ ସର୍ବୋଚ୍ଚ ଆଞ୍ଚଳିକ ଯୋଜନା ସଂସ୍ଥା ଭାବରେ କାର୍ଯ୍ୟ କରୁଛି । ଏହି କ୍ଷେତ୍ରରେ  ସମନ୍ୱିତ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ସମବାୟ ସଂଘୀତାକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ।

## ଦିଲ୍ଲୀ-ସିଏମ୍ ଫାୟାର

ଦିଲ୍ଲୀ ମାଲବ୍ୟନଗରସ୍ଥିତ ହୋଟେଲ୍ ଅଗ୍ନିକାଣ୍ଡ ଘଟଣାରେ ଚିକିତ୍ସାଧୀନ ଥିବା ଆହତଙ୍କୁ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଆଜି ଭେଟିଛନ୍ତି । ସାକେତ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଆହତଙ୍କୁ ଚିକିତ୍ସା କରାଯାଉଛି । ମୁଖ୍ୟମନ୍ତ୍ରୀ ଚିକିତ୍ସାଧୀନ ଥିବା ଆହତଙ୍କ ପରିବାରବର୍ଗଙ୍କ ସହ ମଧ୍ୟ ହସ୍ପିଟାଲଠାରେ ଆଲୋଚନା କରିଛନ୍ତି । ଚିକିତ୍ସା ସ୍ଥିତି ନେଇ ମୁଖ୍ୟମନ୍ତ୍ରୀ ସଂପୃକ୍ତ ଡାକ୍ତରଙ୍କଠାରୁ ପଚାରି ବୁଝିଛନ୍ତି । ପ୍ରତ୍ୟେକ ମୃତକଙ୍କ ନିକଟ ସଂପର୍କୀୟଙ୍କ ଲାଗି ୧୦ଲକ୍ଷ ଟଙ୍କା ଲେଖାଏଁ ଏବଂ ଗୁରୁତର ଆହତଙ୍କୁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ମୃତକଙ୍କ ପାର୍ଥିବ ଶରୀରକୁ ସେମାନଙ୍କ ଜନ୍ମସ୍ଥାନକୁ ପଠାଇବା ପାଇଁ ସରକାରଙ୍କ ପକ୍ଷରୁ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି ।

# ମେରା ଯୁବା ଭାରତ-ଗିନିଜ ରେକର୍ଡ

ଏକସପ୍ତାହ ମଧ୍ୟରେ ୩ଲକ୍ଷ ୯୦ ହଜାରରୁ ଅଧିକ ଅଂଶଗ୍ରହଣକାରୀଙ୍କ ସହ ମେରା ଯୁବ ଭାରତ ଅନ୍‌ଲାଇନ୍ କୁଇଜ୍ ପ୍ରତିଯୋଗିତାକୁ ଗିନିସ୍ ୱାର୍ଲ୍ଡ ରେକର୍ଡ ସ୍ୱୀକୃତି ପ୍ରଦାନ କରିଛନ୍ତି । କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଆଜି ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସମାରୋହରେ ଏ ସଂକ୍ରାନ୍ତ ପ୍ରମାଣପତ୍ର ଗ୍ରହଣ କରିଛନ୍ତି । ଗତବର୍ଷ ଅକ୍ଟୋବର ମାସ ୨୫ ତାରିଖରୁ ୩୧ ତାରିଖ ମଧ୍ୟରେ ଆୟୋଜିତ ବିକଶିତ ଭାରତ ଯୁବ ନେତାଙ୍କ ସଂଳାପ ୨୦୨୬ କୁଇଜ୍ ମାଧ୍ୟମରେ ଏହି ରେକର୍ଡ ହାସଲ କରାଯାଇଛି । ଡକ୍ଟର ମାଣ୍ଡଭ୍ୟ ଏହି ଅବସରରେ ମାଇଁ ଭାରତ ଦଳକୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ମାଣ୍ଡଭ୍ୟ କହିଛନ୍ତି ଦେଶର ଯୁବପିଢ଼ି ବହୁ ସଂଖ୍ୟାରେ ଏହି ପ୍ଲାଟଫର୍ମ ସହିତ ଜଡ଼ିତ ହେଉଛନ୍ତି । ମନ୍ତ୍ରୀ କହିଛନ୍ତି, ଏହି ପ୍ଲାଟଫର୍ମର ପ୍ରାରମ୍ଭରେ ମାଇଁ ଭାରତରେ ସମଗ୍ର ଦେଶର ୨ କୋଟି ୧୯ ଲକ୍ଷରୁ ଅଧିକ ଯୁବାବର୍ଗ ପଞ୍ଜୀକରଣ କରିଛନ୍ତି । ମନ୍ତ୍ରୀ ଶ୍ରୀ ମାଣ୍ଡଭ୍ୟ ଯୁବାବର୍ଗଙ୍କୁ ଏହି ପ୍ଲାଟଫର୍ମରେ ପଞ୍ଜୀକରଣ କରିବା ସହ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ପୂରଣ ଦିଗରେ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିଛନ୍ତି ।

---

# ପିଏମ୍-ଗୁଜରାଟ ଡାମନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଗୁଜରାଟ ଓ ଡାମନ ଗସ୍ତ କରିବେ । ଗୁଜରାଟର ସୁରଟ ଠାରେ ୧୮ ହଜାର ୮୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି । ସେଥିମଧ୍ୟରେ ସଡ଼କ ଯୋଗାଯୋଗ,

ବିଦ୍ୟୁତ ଏବଂ ଶିଳ୍ପ କ୍ଷେତ୍ରର ପ୍ରକଳ୍ପ ଆଦି ଅନ୍ତର୍ଭୁକ୍ତ । ସୁରଟଠାରେ ଶ୍ରୀ ମୋଦୀ ୨ଶହ ଶଯ୍ୟା ବିଶିଷ୍ଟ ESIC  ହସ୍ପିଟାଲର ଉଦ୍‌ଘାଟନ କରିବା ସହ ଦାହେଜ୍ ପେଟ୍ରୋଲିୟମ ପ୍ରକଳ୍ପର  ଆଧୁନିକ ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାରେ ଉନ୍ନତି ଏବଂ ଚିକିତ୍ସା ଭିତ୍ତିଭୂମି ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।  ସନ୍ଧ୍ୟାରେ ଶ୍ରୀ ମୋଦୀ ଡାମନ ଯାତ୍ରା କରିବେ । ସେଠାରେ ପ୍ରାୟ ୨ ହଜାର ୯୭୦ କୋଟି ଟଙ୍କା ବ୍ୟୟରେ କେତେକ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ କରିବେ । ସେଗୁଡ଼ିକ ମଧ୍ୟରେ ସ୍ୱାସ୍ଥ୍ୟସେବା, ପର୍ଯ୍ୟଟନ, ଭିତ୍ତିଭୂମି ବିକାଶ, ଯୋଗାଯୋଗ, ବେସାମରିକ ବିମାନ ଚଳାଚଳ ଏବଂ ଜନକଲ୍ୟାଣ ଆଦି ବିଭିନ୍ନ କ୍ଷେତ୍ର ଅନ୍ତର୍ଭୁକ୍ତ ।

---

# ଏସ୍‌ସି-ଫୋଗଟ

ମହିଳା ମୁଷ୍ଟିଯୋଦ୍ଧା ବିନେଶ ଫୋଗଟ୍‌ଙ୍କୁ ଚୟନ ପ୍ରକ୍ରିୟାରେ ସାମିଲ କରାଯିବା ସଂକ୍ରାନ୍ତ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୁଦ୍ଧରେ ଆଗତ ଆବେଦନକୁ ସୁପ୍ରିମକୋର୍ଟ ଫଳପ୍ରଦହୀନ ବୋଲି ଘୋଷଣା କରିଛନ୍ତି । ଭାରତୀୟ କୁସ୍ତି ମହାସଂଘ ପକ୍ଷରୁ ସୁପ୍ରିମକୋର୍ଟରେ ଏହି ଆବେଦନ ଦାୟର କରାଯାଇଥିଲା । ବିଚାରପତି ଜଷ୍ଟିସ୍  ପି.ଏସ୍. ନରସିଂହ ଏବଂ ଜଷ୍ଟିସ୍ ଅରବିନ୍ଦ କୁମାରଙ୍କ ଖଣ୍ଡପୀଠ କହିଛନ୍ତି, ହାଇକୋର୍ଟ ତାଙ୍କ ଆଦେଶରେ ଦେଇଥିବା ନିର୍ଦ୍ଦେଶ ସଂପର୍କରେ ଆଲୋଚନା କରାଯିବାର ଏବେ କୌଣସି ପ୍ରାସଙ୍ଗିକତା ନାହିଁ । ମହିଳା ମୁଷ୍ଟିଯୋଦ୍ଧା ସଂଘ ପକ୍ଷରୁ ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିବା ତଥ୍ୟ ଅନୁଯାୟୀ ବିନେଶ ଫୋଗଟଙ୍କୁ ଚୟନ ପ୍ରକ୍ରିୟାରେ ସାମିଲ କରାଯାଇଥିଲା ଏବଂ ସେ ଏଥିରେ କୃତକାର୍ଯ୍ୟ ହୋଇ ନଥିଲେ । ଏହି ପଦକ୍ଷେପକୁ ସୁପ୍ରିମକୋର୍ଟ ଗ୍ରହଣ

କରିବା ସହ କୁସ୍ତି ମହାସଂଘ ଦ୍ୱାରା ଆଗତ ଆବେଦନ ଫଳପ୍ରଦ ହୀନ ବୋଲି ଘୋଷଣା କରିଛନ୍ତି ।

## ୟୁପି-ଫ୍ରି ଟ୍ରାନ୍ଜିଟ୍

ଉତ୍ତରପ୍ରଦେଶରେ ରାଜ୍ୟ ପୋଲିସ୍ କନେଷ୍ଟବଲ ପଦବୀ ପାଇଁ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ମାଗଣା ବସ୍ ସେବା ଯୋଗାଇ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏ ସଂପର୍କିତ ଏକ ସମୀକ୍ଷା ବୈଠକରେ ଯୋଗ ଦେଇ ଏହି ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୮,୯ ଓ ୧୦ ତାରିଖରେ ପ୍ରତ୍ୟହ ଦିନକୁ ୨ଟି ପର୍ଯ୍ୟାୟରେ ରାଜ୍ୟ ପୋଲିସ୍ କନେଷ୍ଟବଲ ପଦବୀ ପାଇଁ ପରୀକ୍ଷା ଅନୁଷ୍ଠିତ ହେବ । ଏଥିରେ ପ୍ରାୟ ୨୯ ଲକ୍ଷ ପରୀକ୍ଷାର୍ଥୀ ସାମିଲ ହେବାର ଆଶା କରାଯାଉଛି । ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସମସ୍ତ ପ୍ରକାର ମୌଳିକ ସୁବିଧା ସୁଯୋଗ ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଏବଂ ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ପରୀକ୍ଷା ସମୟରେ ସାମାଜିକ ଗଣମାଧ୍ୟମରେ କୌଣସି ପରିସ୍ଥିତିକୁ ଗୁଜବ ବା ଅପପ୍ରଚାର ଉପରେ ତୀକ୍ଷ୍ଣ ନଜର ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।